# ସୋନପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର

ପତ୍ର ସଂଖ୍ୟା : ୪୮୨୪ ତା: ୦୯.୦୯.୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିଯେ ୱାର୍ଡ ନଂ ୦୮ ରେ ଥିବା ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ଵ ଭେଣ୍ଡିଙ୍ଗ ଜୋନରୁ ୫ ଗୋଟି (କ୍ରମିକ ନମ୍ବର ୧ ରୁ ୫) ଦୋକାନ ଗୃହ ଗୁଡ଼ିକ ଲଟେରୀ ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ମାନେ ସୋନପୁର ପୌର ପରିଷଦ କାର୍ଯ୍ୟାଳୟରୁ ଟ. ୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ କ୍ରୟ କରି ପାରିବେ । ଏହା ସହିତ, ଧାର୍ଯ୍ୟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ Executive officer, Sonepur Municipality ଙ୍କ ନାମରେ ଜମା ଦେବେ । ତା ୨୨.୦୯.୨୦୨୧ ଦିବା ୧୧.୦୦ଟା ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ, ଓ ଅମାନତ ରାଶି ଡ୍ରାଫ୍ଟ ସହିତ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିବେ । ତା ୨୨.୦୯.୨୦୨୧ ଅପରାହ୍ନ ୧୨.୦୦ ଘଣ୍ଟା ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଟେଣ୍ଡର ବାକ୍ସକୁ ଖୋଲା ଯିବ ଏବଂ ସମସ୍ତ ଆବେଦନକୁ ଚୟନ କମିଟିକୁ ପରବର୍ତ୍ତୀ ପ୍ରକ୍ରୀୟା ନିମନ୍ତେ ହସ୍ତାନ୍ତରଣ କରାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ, ଅମାନତ ରାଶି ଓ ମାସିକ ଭଡ଼ାର ବିବରଣୀ ତଥା ବଣ୍ଟନ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ନଂ | ଭେଣ୍ଡିଙ୍ଗ ଜୋନର ଅବସ୍ଥିତି | ଦୋକାନ ଗୃହର ଆକାର | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡ଼ା |
|---|---|---|---|---|
| ୧ | ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ଵ ଭେଣ୍ଡିଙ୍ଗ ଜୋନ, ୱାର୍ଡ ନଂ.୮ | ୬'x ୬' ଷ୍ଟଲ ନଂ ୧ ରୁ ୫ (୫ ଗୋଟି) | ଟ. ୧୦୦୦୦ | ଟ. ୫୦୦ |

## ସର୍ତ୍ତାବଳୀ

୧. ପୂର୍ବ ବର୍ଷର ବକେୟା ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରି ପାରିବେ ନାହିଁ ।

୨. ଏଥିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଆବେଦନ କରି ପାରିବେ ।

୪. ଯେଉଁ ବ୍ୟକ୍ତି ମାନେ Street vendor ହିସାବରେ ସୋନପୁର ପୌର ପରିଷଦରେ ତାଲିକା ଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ **Letter of recommendation** (LOR) ପ୍ରାପ୍ତ ହୋଇ ଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରିନଥିବେ କେବଳ ସେହି ବ୍ୟକ୍ତି ବିଶେଷ ମାନେ ଆବେଦନ କରି ପାରିବେ ।

୫. ସମସ୍ତ ଦରଖାସ୍ତକୁ ଏକ କମିଟି ଦ୍ୱାରା ଯାଞ୍ଚ କରା ଯିବ ଏବଂ ଯୋଗ୍ୟ ବିବେଚିତ ଆବେଦନକାରିଙ୍କ ମଧ୍ୟରେ ଲଟେରୀ ଦ୍ୱାରା ଚୟନ କରାଯିବ ।

୬. ଯେଉଁ ବ୍ୟକ୍ତି ମାନେ ପୂର୍ବରୁ ଥିବା ପୌର ପରିଷଦ ଦୋକାନଗୃହ ପାଇଥିବେ ତାଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ

୭. ଗଠନ ହେଇ ଥିବା ଚୟନ କମିଟି ଦୋକାନ ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତି ଗ୍ରହଣ କରି ପାରିବେ ।

୦୯/୦୯/୨୦୨୧

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌର ପରିଷଦ

ପରିପତ୍ର: ୪୮୨୫ ତା.୦୯.୦୯.୨୦୨୧

ଏହାର ଏକ କିତା ନକଲ ଯୁଗ୍ମ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ ଭୁବନେଶ୍ୱର, ଓଡିଶା ସରକାର ଙ୍କୁ **ଧରିତ୍ରୀ** ( ସମ୍ବଲପୁର ପ୍ରକାଶନ ) / **ଓଡିଶା ଭାସ୍କର** ସମ୍ବାଦ ପତ୍ର ରେ ଆସନ୍ତା କଲି ଗୋଟିଏ ଦିନ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

୦୯/୦୯/୨୦୨୧

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌର ପରିଷଦ

ପରିପତ୍ର: ୪୮୨୬ ତା.୦୯.୦୯.୨୦୨୧

ଏହାର ଏକ କିତା ନକଲ ପ୍ରଶାଶିକା ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର /ପ୍ରକଳ୍ପ ନିର୍ଦ୍ଦେଶକ, DUDA, ସୁବର୍ଣ୍ଣପୁର / ଉପ ଜିଲ୍ଲାପାଳ, ସୋନପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୦୯/୦୯/୨୦୨୧

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌର ପରିଷଦ

ପରିପତ୍ର: ୪୮୨୭ ତା.୦୯.୦୯.୨୦୨୧

ଏହାର ଏକ କିତା ନକଲ DIO(NIC), Subarnapur ଙ୍କ ଅବଗତି ନିମନ୍ତେ ପ୍ରେରଣ କରା ଗଲା ।

୦୯/୦୯/୨୦୨୧

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌର ପରିଷଦ

ପରିପତ୍ର: ୪୮୨୮ ତା.୦୯.୦୯.୨୦୨୧

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରା ଗଲା ।

୦୯/୦୯/୨୦୨୧

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌର ପରିଷଦ

ପରିପତ୍ର: ୪୮୨୯ ତା.୦୯.୦୯.୨୦୨୧

ଏହାର ଏକ କିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ପ୍ରକାଶ କରାଗଲା ।

୦୯/୦୯/୨୦୨୧

କାର୍ଯ୍ୟ ନିର୍ବାହୀ ଅଧିକାରୀ
ସୋନପୁର ପୌର ପରିଷଦ